# Akashvani, Sambalpur

# SAMBALPURI NEWS BULLETIN

## 6 October 2023- 6.47- 6.52 am.

**************************************************

ସମବାୟ ସମ୍ପତି ବିକ୍ରି-ରୋକ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ସମବାୟ ସମ୍ପତି ବିକ୍ରି କି ଲିଜ୍ ଦେବାର୍ ଆଗ୍‌ରୁ ରାଜ୍ୟ ସର୍‌କାର୍‌ଙ୍କର୍ କମିଟିର୍ ଅନୁମତି ନେବାର୍‌କେ ହେବା । ଇ କମିଟିଥି ବିଭାଗ୍‌ର ସ୍ୱତନ୍ତ୍ର ଶାସନ୍ ସଚିବ ଅଧ୍ୟକ୍ଷ ଥିବାର୍ ବେଲେ ଯୋଜନା ବିଭାଗ୍‌ର ଅତିରିକ୍ତ ଶାସନ୍ ସଚିବ, ଆଇନ୍ ବିଭାଗ୍‌ର ସହକାରୀ ନିର୍ଦ୍ଦେଶକ୍ ଆଉ ଅତିରିକ୍ତ ସମବାୟ ନିବନ୍ଧକ ଇତାର୍ ସଦସ୍ୟ ରହେବେ । ଇ କମିଟି ସମବାୟ ସମିତି ମାନ୍‌କର୍ ସ୍ଥାବର ସମ୍ପତି ବିକ୍ରି କି ଲିଜ୍ ପ୍ରସ୍ତାବ୍ ଆସ୍‌ଲେ, ତାର୍ ପରୀକ୍ଷା, ନିରୀକ୍ଷା କରିକରି ରାଜ୍ୟ ସର୍‌କାର୍‌ଙ୍କୁ ଅନୁମୋଦନ୍ ଲାଗି ପଠାବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ୍‌ଙ୍କର୍ ନିର୍ଦ୍ଦେଶ୍‌ଥି ଗଠନ୍ କରାଯାଇଥିବାର୍ ଇ କମିଟିର୍ ବୈଠକ୍ ୩ ମାସେ ଥରେ ହେବା ବଲି ଜନାପଡ଼ିଛେ ।

ବଜେଟ୍ ଖର୍ଚ୍ଚ -ସଚିବ ଆର୍ଏନ୍ୟୁ ସମ୍ବଲପୁର୍

ଚଳିତ୍ ଆର୍ଥିକ୍ ବଛରର୍ ଗଲା ୬ ମାସ୍ଥି ବଜେଟ୍ ବ୍ୟୟବରାଦ୍ ୩୪ ଦଶ୍ମିକ୍ ୮/୭ ପ୍ରତିଶତ୍ ଅନୁଦାନ୍ ଖର୍ଚ୍ଚ ହେଇଛେ। ଗଲାବଛର୍ ଇ ସମାନ୍ ସମିଆ ଭିତ୍ରେ ୨୫ ଦଶ୍ମିକ୍ ୬/୧ ପ୍ରତିଶତ୍ ଅନୁଦାନ୍ ଖର୍ଚ୍ଚା ହେଇଥିଲା ବଲି ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ ଜେନାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଥିବା ସଚିବସ୍ତରୀୟ ବୈଠକ୍ନୁ ଜନାପଡ଼ିଛେ। ପେନ୍ସନ୍ ମାମ୍ଲା ମାନ୍କର୍ ଜଲଦି ଫଏସଲା, ଅତିରିକ୍ତ ବଜେଟ୍ ପାଇଥିବା ବିଭାଗ୍ ମାନ୍କର୍ ତର୍ଫୁ ଅନୁଦାନ୍ର ତୁର୍ତି ବେଭାର୍ ଲାଗି ବୈଠକ୍ଥି ନିର୍ଦ୍ଦେଶ୍ ଦିଆଯାଇଥିଲା। ବୈଠକ୍ ନ ଫି ବିଭାଗ୍ ତର୍ଫୁ ବଜେଟ୍ ଅନ୍ସାରେ ଖର୍ଚ୍ଚା କରାଯାଇଥିବା ଅନୁଦାନ୍ ବାବ୍ଦେ ତଥ୍ୟ ରଖାଯାଇଥିଲା। ମତ୍ସ୍ୟ ଆଉ ପଶୁ ସମ୍ପଦ୍ ବିଭାଗ୍ ତର୍ଫୁ ଅନୁଦାନ୍ ବେଭାର୍ଥି ବଢ଼ିଆଁ ପ୍ରଦର୍ଶନ୍ କରାଯାଇଛେ ଆଉ ଆଗର୍ନୁ ଶକ୍ତି ବିଭାଗ୍ର ରାଜସ୍ବଥି ୧୪ ଦଶ୍ମିକ୍ ୫/୯ ପ୍ରତିଶତ୍ ଅଭିବୃଦ୍ଧି ହାସଲ୍ କରାଯାଇଛେ।

ବାତ୍ୟା ପରିଚାଲନା ବୈଠକ୍ ଆର୍ଏନ୍ୟୁ ସମ୍ବଲପୁର୍

ରାଏଜେ ବାତ୍ୟା ମୁକାବିଲାର୍ ଲାଗି ଭିନ୍ ଭିନ୍ ବିଭାଗ୍ ଭିତ୍ରେ ସହଯୋଗ୍ ଆର୍ ସମନ୍ୱୟ ରଖ୍ବାର୍କେ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ ଜେନା ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ଥି ମୁଖ୍ୟଶାସନ୍ ସଚିବ ସମ୍ଭାବ୍ୟ ବାତ୍ୟାର୍ ଲାଗି ଆଗ୍ତୁରା ସତର୍କ ରହେବାର୍ ସହେତେ ତୟାର୍ ହେବାର୍କେ ବିଭାଗ୍ ମାନ୍କର୍ ଅଧିକାରୀମାନ୍କୁ କହିଥିଲେ । ବୈଠକ୍ଥି ଓଡ୍ରାଫ୍, ଏନ୍ଡିଆର୍ଏଫ୍ ଆଉ ଅଗ୍ନିଶର୍ମ ବିଭାଗ୍ର ପ୍ରସ୍ତୁତି ଉପ୍ରେ ଭିଲ୍ ଆଲୋଚନା କରାଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ମୌସୁମୀ ଫିର୍ବାର୍ ୪୫ ଦିନ୍ତକ୍ ବାତ୍ୟାର୍ ଆଶଙ୍କା ରହିଥିସି ।

ବୈଷୟିକ ଶିକ୍ଷାନୁଷ୍ଠାନ୍-ଗୁଟେ ସିଲାବସ୍ ଆର୍ଏନ୍ୟୁ ସମ୍ବଲପୁର୍

ରାଜ୍ୟର୍ ସବୁ ବୈଷୟିକ ଶିକ୍ଷାନୁଷ୍ଠାନ୍ ମାନ୍କେ ଗୁଟେ ପ୍ରକାରର୍ ପାଠ୍ୟକ୍ରମ୍ ଲାଗି ପାଠ୍ୟସୂଚୀ ତିଆର୍ କର୍ବାର୍କେ ବିଜୁ ପଟ୍ଟନାୟକ୍ ବୈଷୟିକ ବିଶ୍ୱବିଦ୍ୟାଳୟ- ବିପିୟୁଟି, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଆଉ ଓଡ଼ିଶା ୟୁନିଭର୍ସିଟି ଟେକ୍ନୋଲୋଜି ଅଫ୍ ରିସାର୍ଚ୍ଚ ତର୍ଫୁ ଥିର୍ କରାଯାଇଛେ । ଇ

ବାବ୍‌ଦେ ବିପିୟୁଟିର କୁଲପତି ଅମୀୟ କୁମାର୍ ରଥ ସୂଚ୍‌ନା ଦେଇଛନ୍ ।

କିଶୋର୍ ଜେନାଙ୍କୁ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରଶଂସା/ଆର୍‌ଏନ୍‌ୟୁ ସମ୍ବଲପୁର୍

ଚୀନ୍‌ର ହାଙ୍ଗ୍ ଝୌ ଏସୀୟ କ୍ରୀଡ଼ାର୍ ଜେଭ୍‌ଲିନ୍ ଥ୍ରୋଥି ସୁନାର୍ ପଦକ୍ ଜିତିଥିବା ନୀରଜ୍ ଚୋପ୍ରା ଆର୍ ରୌପ୍ୟପଦକ୍ ବିଜେତା ଓଡ଼ିଶାର୍ କିଶୋର୍ ଜେନାଙ୍କୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶୁଭେଚ୍ଛା ଜନେଇଛନ୍ । କେନ୍ଦ୍ରମନ୍ତ୍ରୀ ଫୋନ୍ ଜରିଏ ଗଲାକାଏଲ୍ କିଶୋର୍ ଜେନାଙ୍କୁ ଇ ସଫଲତାର୍ ଲାଗି ଶୁଭେଚ୍ଛା ଜନାବାର୍ ସହେତେ ଇଟା ଓଡ଼ିଶାର୍ ଲୁକ୍‌କର୍ ଲାଗି ଗର୍ବର୍ ବିଷୟ ବଲି କହିଛନ୍ ।

ବନକଲାଗି- ଶ୍ରୀମନ୍ଦିର୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହଙ୍କର୍ ଶ୍ରୀମୁଖ ଶୃଙ୍ଗାର - ବନକଲାଗି ନୀତି ଗଲାକାଏଲ୍ ହେଇଯାଇଛେ । ଦତ ମହାପାତ୍ର

ସେବକମାନେ ଶ୍ରୀମନ୍ଦିର୍ ନ ଇ ସେବା କରିଥିଲେ । ବନକଲାଗି ନୀତି ଉତ୍‌ରୁ ଶ୍ରୀବିଗ୍ରହଙ୍କର୍ ଦର୍ଶନ୍ ଆରମ୍ଭ୍ ହେଇଥିଲା ।

ଷୋଡ଼ଶ ପୂଜା        ଆର୍‌ଏନ୍‌ୟୁ ସମ୍ବଲପୁର୍

  ସମ୍ବଲପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କର୍ ପୀଠ ନ ଆଏଜ୍‌ଠାନୁ ଷୋଡ଼ଷ ଉପଚାର୍ ପୂଜା ମୁଲ୍ ହେଇଛେ । ୧୪ ତାରିଖ୍ ଦିନ ମହାଳୟା ଅବ୍‌ସରେ ମା ସମଲେଶ୍ୱରୀ ଧବଲ୍‌ମୁଖୀ ବେଶଥି ଦର୍ଶନ୍ ଦେବେ । ସେଦିନୁ ମାଙ୍କର୍ ପୀଠ ନ ଶାରଦୀୟ ନବରାତ୍ରୀ ପୂଜା ମୁଲ୍ ହେବା । ଆଏବା ୨୦ ତାରିଖ୍ ଦିନ ସମଲେଶ୍ୱରୀଙ୍କର୍ ପୀଠ ନ ମହାସପ୍ତମୀ ସାଙ୍ଗେ ୩ ଦିନିଆ ଜାଗର ଦୀପ ଜଲାଯିବା । ଆଏବା ୨୪ ତାରିଖ୍ ମଙ୍ଗଲ୍‌ବାର୍ ଦିନ ଦଶ୍‌ରା ଆଉ ୨୮ ତାରିଖ୍ ଦିନ ଦଶ୍‌ରାପୁନିଥି ମାଙ୍କର୍ ରାଜରାଜେଶ୍ୱରୀ ବେଶ ହେବା ।

ହେନ୍ତା କଲାହାଣ୍ଡି ଜିଲ୍ଲା ଜୁନାଗଡ୍ ଠାନେ ମା ଲଙ୍କେଶ୍ୱରୀଙ୍କର୍ ଖଣ୍ଡାବସା ପର୍ବ ଲାଗି ତୟାରି ପୁରା ହେଇଛେ । ଇଥିର୍‌ଲାଗି ମନ୍ଦିର୍‌କେ ରଙ୍ଗୀନ୍ ଆଲୋକମାଳାଥି ସଜାଯାଇଛେ ।

ପୁଓଜିଉଁତିଆ        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ପବିତ୍ର ମୂଳାଷ୍ଟମୀଥି ପଶ୍ଚିମ ଓଡ଼ିଶାର୍ ମା ମାନେ ପୁଓଜିଉଁତିଆ ପାଲନ୍ କରୁଛନ୍ ।  ପୁଓ ମାନ୍କର୍ ମଙ୍ଗଲ୍କାମ୍ନା କରିକରି ମା ମାନେ ଇ ଉପାସ୍ କରୁଛନ୍ । ମା ମାନେ ନିର୍ଜଳା ଉପାସ୍ ରହିକରି ଦୁତିବାହନ ଆର୍ ଷଠୀ ମା ଙ୍କର୍ ପୂଜା କର୍ସନ୍ । ଗାଁ କଲୋନୀ ଆର୍ ପଡ଼ା ମାନ୍କର୍ ଛକ୍ ଜାଗା ମାନ୍କେ ଇ ପୂଜାର୍ ଲାଗି ବେଦୀ ମାନ୍ ତିଆର୍ କରାଯାଇଛେ । ଆଏବା କାଏଲ୍ ସଖାଲେ ଗାଧିଲା ଉତ୍ରୁ ଘରେ ପୁଓ ମାନ୍କୁ ଶହେ ୮ ଦୁବ ବନ୍ଧେଇକରି ଜୁଁତିଆ ପିନ୍ଧାବେ । ପୂଜା ଲାଗି ପଶ୍ଚିମ ଓଡ଼ିଶାର୍ ଗାଁଗହଲିନୁ ନେଇକରି ସହର୍ ସବୁଆଡ଼େ ଗହଲ୍ଚହଲ୍ ହେଇଛେ ।

ଷ୍ଟାର୍ଟଅପ୍ ଯାତ୍ରା ଆଇଆଇଏମ୍       ଆର୍ଏନ୍ୟୁ ସମ୍ବଲପୁର୍

ରାଜ୍ୟ ସର୍କାର୍ଙ୍କର୍ ଉଦ୍ୟମିତାକେ ତହଁକାବାର୍ ଲାଗି ବାହାରିଥିବା ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ଗଲାକାଏଲ୍ ସମ୍ବଲ୍ପୁର୍ର ଭାରତୀୟ ପ୍ରବନ୍ଧନ୍ ସଂସ୍ଥାନ୍ - ଆଇଆଇଏମ୍ ଠାନେ ପୁହୁଁଚିଥିଲା । ଇଥି ସଂସ୍ଥାନ୍ର ଶିକ୍ଷକ୍, ଶିକ୍ଷୟିତ୍ରୀ ଆର୍ ଛାତ୍ରଛାତ୍ରୀମାନେ ସାମିଲ୍ ହେଇଥିଲେ । ଇ ଉଲ୍ଗୁନେ ରାଏଜେ

ଉଦ୍ୟୋଗ୍ ପ୍ରତିଷ୍ଠା ଆଉ ଉଦ୍ୟମିତା ବାବ୍‌ଦେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ ।

ହସ୍ତତନ୍ତ ସମ୍ମିଲନୀ -ବରଗଡ଼୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ବର୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏବା ଶୀତ ଋତୁ ନ ବୌଦ୍ଧ ଆଉ ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ସାହାଜିଥି ଜାତୀୟ ହସ୍ତତନ୍ତ ସମ୍ମିଲନୀ କରାଯିବା । ଇଥି ଓଡ଼ିଶାର୍ ଅନନ୍ୟ ହସ୍ତତନ୍ତ ଉତ୍ପାଦକେ ନେଇକରି ଡିଜାଇଜନର୍, କ୍ରେତା, ଲେଖକ ମାନେ ଅଂଶଗ୍ରହଣ୍ କର୍‌ବେ ବଲି ସମ୍ମିଲନୀଥି ସହଯୋଗ୍ କରୁଥିବା ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ହସ୍ତତନ୍ତ ବେଉସାଥି ରାଜ୍ୟର୍ ୧ ଲାଖ୍‌ନୁ ଅଏତ୍‌କା ପରିବାର୍ ସାମିଲ୍ ଅଛନ୍ ।

ପିଏମ୍ ଏସ୍‌ବିଏମ୍ ଋଣ ସୁଧ ଆର୍‌ଏନ୍‌ୟୁ ସମ୍ବଲପୁର୍

ପ୍ରଧାନ୍‌ମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର୍ ନିଧି ଯୋଜ୍‌ନା ବାବ୍‌ଦେ ଗଲାକାଏଲ୍ ଝାର୍‌ସୁଗୁଡ଼ା ଜିଲ୍ଲା ବ୍ରଜରାଜ୍‌ନଗର୍ ପୌର କଲ୍ୟାଣ୍ ମଣ୍ଡପ୍ ଠାନେ ଗୁଟେ ଋଣ ମେଲା ହେଇଥିଲା । ଇଥି ଶହେ ୩୬

ଟା ଋଣ ଆବେଦନ୍ ଗ୍ରହଣ୍ କରାଯାଇଛେ । ଇ ଦର୍‌ଖାସ୍ତ ମାନ୍‌କର୍ ଉପ୍‌ରେ ଯେତେ ଜଲ୍‌ଦି ହେବା ଆଗ୍‌କେ ପଦକ୍ଷେପ୍ ନିଆଯିବା ବଲି ପ୍ରଶାସନିକ୍ କର୍ତୃପକ୍ଷ କହିଛନ୍ । ମେଲାଥି ପୌର ପରିଷଦ୍, ବେଙ୍କ୍ ଅଧିକାରୀମାନ୍‌କର୍ ସହେତେ ଉଠା ଦୁକାନୀମାନେ ଉପସ୍ଥିତ୍ ଥିଲେ ।